## ସଂକ୍ଷେପରେ

### ବଡ଼ଗଡ଼ ଥାନା ଓଡ଼ିଶାରେ ଶ୍ରେଷ୍ଠ

**ଛତ୍ରପୁର,୨୭।୩(ଦିଲୀପ ସାମଲ)**

ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ଗଞ୍ଜାମ ପୋଲିସ ଜିଲାର ବଡ଼ଗଡ଼ ଥାନାକୁ ଓଡ଼ିଶାର ଶ୍ରେଷ୍ଠ ପୋଲିସ ଥାନା ଘୋଷଣା କରାଯାଇଛି। ପୋଲିସ ସେବା ଏବଂ କାର୍ଯ୍ୟଦକ୍ଷତାକୁ ଭିତ୍ତିକରି ପ୍ରତିବର୍ଷ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରେଷ୍ଠ ପୋଲିସ ଥାନା ଗୁଡ଼ିକୁ ଚୟନ କରାଯାଇଥାଏ। କିଛି ନିର୍ଦ୍ଦିଷ୍ଟ ମାନଦଣ୍ଡ ଆଧାରରେ ଏହି ପୁରସ୍କାର ମିଳିଥାଏ। ଶ୍ରେଷ୍ଠ ପୋଲିସ ଷ୍ଟେସନ ହେବାପରେ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ସମସ୍ତ କର୍ମଚାରୀ, ଥାନା ଅଧିକାରୀ ଓ ଏସଡିପିଓଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏକ୍ସରୁ ଏହି ସୂଚନା ମିଳିଛି।

### ଚଳନ୍ତା ଟ୍ରେନ୍‌ରୁ ଡେଇଁ ଯୁବକ ଆହତ

**ଛତ୍ରପୁର,୨୭।୩(ଦିଲୀପ ସାମଲ)**

ଛତ୍ରପୁର ନିକଟରେ ଚଳନ୍ତା ଟ୍ରେନରୁ ଖସି ଜଣେ ଯୁବକ ଆହତ ହୋଇଛନ୍ତି। ସେ ହେଲେ କେନ୍ଦୁଝର ଜିଲା ଗୁଣ୍ଡପୁର ଅଞ୍ଚଳର ବିକ୍ରମ ମୁଣ୍ଡା। ତାଙ୍କ ଗୋଡ଼ ଏବଂ ପିଠିରେ ଗଭୀର ଆଘାତ ଲାଗିଛି। ବିକ୍ରମ ବିଶାଖାପାଟଣାରେ ଶ୍ରମିକ ଭାବେ କାମ କରନ୍ତି। ଘରେ କୌଣସି କାମ ପଡ଼ିବାରୁ ସେଠାରୁ ସେ ଟ୍ରେନରେ ଭୁବନେଶ୍ୱର ଫେରୁଥିଲେ । ଛତ୍ରପୁର ନିକଟରେ ସେ ହଠାତ୍ ଟ୍ରେନରୁ ଡେଇଁ ପଡିଥିଲେ। ସ୍ଥାନୀୟ ବାସିନ୍ଦା ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରିଛନ୍ତି । ଖବରପାଇ ରେଲୱେ ପୋଲିସ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

### ବେଆଇନ ବାଲିଘାଟରେ ଚଢ଼ାଉ ବିଏନ୍‌ଏସ୍ ୧୬୩ ଲାଗୁ କଲା ପ୍ରଶାସନ

**କବିସୂର୍ଯ୍ୟନଗର,୨୭।୩(କୃପାସିନ୍ଧୁ ସ୍ୱାଇଁ)**

କବିସୂର୍ଯ୍ୟନଗର ଥାନା ଭାରପ୍ରାପ୍ତ ଅଧିକାରୀ ନୀତେଶ କୁମାର ମିଶ୍ର ବେଆଇନ ବାଲିଘାଟ ଓ ଚାଲାଣକାରୀଙ୍କ ଉପରେ ଚଢ଼ାଉ କରୁଛନ୍ତି। ଶୁକ୍ରବାର ପୁରୁଷୋତ୍ତମପୁର ତହସିଲ ଅଧିନ ମହାଛାଇ ଗ୍ରାମ ପାଖ ଋଷିକୁଲ୍ୟା ନଦୀରୁ ବେଆଇନ ଭାବେ ଚାଲିଥିବା ବାଲିଘାଟ ଉପରେ ଚଢ଼ାଉ ହୋଇଛି। ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ନେତୃତ୍ୱରେ ବହୁ ପୋଲିସ କର୍ମଚାରୀ ଓ ପୁରୁଷୋତ୍ତମପୁର ତହସିଲଦାର, ମାଇନିଂ ଅଧିକାରୀ ଅଚାନକ ଚଢ଼ାଉ କରି ନଦୀ ଭିତରେ ଥିବା ଗୋଟିଏ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲେ। ଉକ୍ତ ବାଲିଘାଟରେ ବିଏନଏସ ୧୬୩ ଲାଗୁ କରାଯାଇଛି । ଘାଟକୁ ସଂଯୋଗ କରୁଥିବା ରାସ୍ତାକୁ ଖୋଳି ଘାଟରେ ଲାଲ ପତାକା ଲଗାଇଛି ପ୍ରଶାସନ ।

### ତବଲା ବାଦକଙ୍କ ମୃତ୍ୟୁ

**ଗଞ୍ଜାମ,୨୭।୩ (ବିଦ୍ୟାଧର ସାହୁ)**

ଗଞ୍ଜାମ ଏନଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମର ତବଲା ମାଷ୍ଟରଙ୍କ ମୃତ୍ୟୁ ଘଟିଛି। ସେ ଲକ୍ଷ୍ମଣ କୁମାର ତରାଇ (୭୨)। ସେ ଗତ କିଛି ମାସ ହେବ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ବହୁ ମାନ୍ୟଗନ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତଦେହକୁ ଏକ ଶୋଭାଯାତ୍ରାରେ ଋଷିକୂଲ୍ୟା ନଦୀର ମିଳନ ସ୍ଥଳ ଗାଁ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ମୃତ୍ୟୁ ଶଯ୍ୟା ଠାରେ ସ୍ତ୍ରୀ ପୁଅ ବୋହୂ ଝିଅ ଜ୍ୱାଇଁ ନାତି ନାତୁଣୀ ଉପସ୍ଥିତ ଥିବା ବେଳେ ଏକ ମାତ୍ର ପୁଅ ନିରଞ୍ଜନ ତରାଇ (ଲୁଷିଆ)ମୁଖାଗ୍ନି ଦେଇଥିଲେ।

### ମହାବିଦ୍ୟାଳୟରେ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଧରାକୋଟ,୨୭।୩(ବିଷ୍ଣୁକେଶରୀ ଆଚାର୍ଯ୍ୟ)**

ଧରାକୋଟ ନିକଟ ମୁଣ୍ଡମରାଇସ୍ଥିତ ସୋମନାଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସମାଜିକ କର୍ମୀ ସ୍ୱର୍ଗତ ସୋମନାଥ ସାହୁଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠାତା କିଶୋର ଚନ୍ଦ୍ର ସାହୁଙ୍କ ଦ୍ୱାରା ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ତାଙ୍କର ସମସ୍ତ ପରିବାର ଲୋକଙ୍କ ସହ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଦିଗାମ୍ବର ବିଷୋୟୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ପ୍ରତିଷ୍ଠାତା ସାହୁ ନିଜର ଦିବଂଗତ ଜ୍ୟେଷ୍ଠଭ୍ରାତା ସୋମନାଥ ସାହୁଙ୍କ ଜୀବନୀ ଓ ଅତୀତର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଇଂଲିଶ ଅଧ୍ୟାପକ ଜଗନ୍ନାଥ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସାହାରା ନର୍ସିଂହୋମ ପୁଣି ସିଲ୍

**ଦିଗପହଣ୍ଡି,୨୭।୩(ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଡେଙ୍ଗାଓସ୍ତା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ସାହାରା ନର୍ସିଂହୋମକୁ ପୋଲିସ ଶୁକ୍ରବାର ସିଲ୍ କରିଛି। ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ଭବାନୀ ଶଙ୍କର ମିଶ୍ରଙ୍କ ନିର୍ଦ୍ଦେଶରେ ସାନଖେମୁଣ୍ଡି ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ରାମଚନ୍ଦ୍ର ପଟ୍ଟନାୟକ, ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ପ୍ରଦୀପ ପ୍ରଧାନ, ଚିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, ଆଇଆଇସି କିଶୋର ସାମଲଙ୍କ ଉପସ୍ଥିତିରେ ପୋଲିସ ଉକ୍ତ ନର୍ସିଂ ହୋମ ସିଲ କରିଥିବା ଜଣାପଡିଛି। ସ୍ୱାସ୍ଥ୍ୟବିଭାଗର ବିନା ଅନୁମତିରେ କୌଣସି ଲାଇସେନ୍ସ ନ ଥାଇ ଦୀର୍ଘଦିନ ହେଲା ମଙ୍ଗୁଲୁ ପ୍ରଧାନ ଏହି ନର୍ସିଂ ହୋମ ଚଳାଇ ଆସୁଥିଲେ। ଏନେଇ ସ୍ୱାସ୍ଥ୍ୟ ବିଭାଗ ନିକଟରେ ଅଭିଯୋଗ ହେବା ପରେ ପୋଲିସ ନର୍ସିଂ ହୋମକୁ ସିଲ୍ କରିଛି। ଥାନାରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସାମଲ କହିଛନ୍ତି।

ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ଗତ

## ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ଗର୍ଭବତୀ, ଶିଶୁ ମୃତ୍ୟୁ ଘଟଣା

୧୧।୪।୨୦୨୫ରିଖ ସନ୍ଧ୍ୟାରେ ଜଣେ ପ୍ରସୂତି ଏବଂ ନବଜାତକଙ୍କ ମୃତ୍ୟୁ ଘଟିଥିଲା। ସାନଖେମୁଣ୍ଡି ବ୍ଲକ ଡେଙ୍ଗାଓସ୍ତା ଗ୍ରାମ ନିକଟ ସିଙ୍ଗପୁର ଗ୍ରାମର ମାଗୁଣି ନାୟକଙ୍କ ଝିଅ ରୋଜି ପାଟପୁର ଥାନା କରାଖଣ୍ଡି ଗ୍ରାମର ବାବୁ ନାୟକଙ୍କୁ ବିବାହ କରିଥିଲେ। ବାବୁ ଗୁଜୁରାଟର ବରୋଦାରେ ଏକ କମ୍ପାନୀରେ କାମ କରୁଥିଲେ। ତେବେ ରୋଜି ଗର୍ଭବତୀ ଥିବା ସମୟରେ ବାପଘର ସିଙ୍ଗପୁର ଗ୍ରାମରେ ରହୁଥିଲେ। ୧୧।୪।୨୦୨୫ରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଉକ୍ତ ନର୍ସିଂ ହୋମରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅଲଟ୍ରା ସାଉଣ୍ଡ କରାଯାଇଥିଲା। ସେଦିନ ଅପରାହ୍ନରେ ପ୍ରସବ ଯନ୍ତ୍ରଣା ଅଧିକ ହେବାରୁ ଉପସ୍ଥିତ ନର୍ସିଂ ହୋମ କର୍ମଚାରୀ ତାଙ୍କ ପ୍ରସବ କରାଇବା ପାଇଁ ରୋଜିଙ୍କ ପରିବାର ଲୋକଙ୍କୁ କହିଥିଲେ। ସାଢ଼େ ୪ଟାରେ ତାଙ୍କୁ ପ୍ରସବ ପାଇଁ ନର୍ସିଂ ହୋମର ଅପରେସନ ଥିଏଟରକୁ ନିଆଯାଇଥିଲା। ସନ୍ଧ୍ୟା ୬ଟାରେ ଜଣେ ମହିଳା ସ୍ୱାସ୍ଥ୍ୟ କର୍ମଚାରୀ ତାଙ୍କ ମା' ମମତା ନାୟକଙ୍କୁ ଡାକି ତାଙ୍କୁ ଏକ ମୃତ ଶିଶୁପୁତ୍ର ଦେଇଥିଲେ। ରାତି ପ୍ରାୟ ୧୦ଟାରେ ରୋଜିଙ୍କ ମୃତ୍ୟୁ ଘଟିଥିଲେ ମଧ ନର୍ସିଂହୋମ କର୍ତ୍ତୃପକ୍ଷ ରୋଜିଙ୍କ ପରିବାର ଲୋକଙ୍କୁ ନ ଜଣାଇ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କହି ୧୦୨ ଆମ୍ବୁଲାନ୍ସ ଡ଼କାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ। ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନର୍ସିଂହୋମରେ କୌଣସି ଡ଼ାକ୍ତର ନ ଥିବା ଏବଂ ଅନଭିଜ୍ଞ କର୍ମଚାରୀଙ୍କ ଦ୍ୱାରା ତାଙ୍କ ସ୍ତ୍ରୀଙ୍କ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କରାଯାଇଥିବାରୁ ତାଙ୍କର ମୃତ୍ୟୁ ଘଟିଲା ବୋଲି ବାବୁ ଅଭିଯୋଗ କରି ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ତତ୍କାଳୀନ ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ଥାନା ନଂ.୧୭୪/୨୫ରେ ମାମଲା ରୁଜୁ କରି ତତ୍କାଳୀନ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଜ୍ୟୋତି ରଞ୍ଜନ ବେହେରାଙ୍କୁ ଦାୟିତ୍ୱ ଦେଇଥିଲେ। ଏହି ମାମଲାରେ ସମ୍ପୃକ୍ତ ଡେଙ୍ଗାଓସ୍ତା ଗ୍ରାମ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ବୈକୁଣ୍ଠ ନଗର ୪ର୍ଥ ଲେନର । ମଧୁ ଓରଫ ମଧୁସ୍ମିତା ପଟ୍ଟନାୟକ,ନର୍ସିଂ ହୋମ ମାଲିକ ମଙ୍ଗୁଲୁ ପ୍ରଧାନ, ନର୍ସିଂ ହୋମରେ ଚାକିରି କରୁଥିବା ଅନ୍ୟତମ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରମୋଦିନି ଗମାଙ୍ଗଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ପୂର୍ବରୁ ଏହି ନର୍ସିଂ ହୋମକୁ ସ୍ୱାସ୍ଥ୍ୟ ପ୍ରଶାସନ ଗତ ୧୯।୭।୨୦୨୫ରେ ସିଲ୍ କରିଥିଲା। କିଛିଦିନ ପରେ ପୁଣି ଥରେ ନର୍ସିଂ ହୋମରେ ରୋଗୀ ଚିକିତ୍ସା ଓ ଅପରେଶନ ପୂର୍ବଭଳି ଚାଲିଥିଲା। ଏନେଇ ପୁଣି ଥରେ ଅଭିଯୋଗ ହେବା ପରେ ୮।୮।୨୦୨୫ରେ ଉକ୍ତ ନର୍ସିଂ ହୋମ ସିଲ କରାଯାଇଥିଲା। କିଛିଦିନ ପରେ ଉକ୍ତ ନର୍ସିଂ ହୋମ ପୁଣି ଚାଲିଥିବା ଅଭିଯୋଗ ହୋଇଥିଲା ବୋଲି ଆଇଆଇସି ସାମଲ କହିଛନ୍ତି।

# ଆମ ସଂସ୍କୃତି ଆମ ଖେଳଣା ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



ତାଲିମରେ ଅଂଶଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଓ ଅନ୍ୟମାନେ।

**ଫୁଲବାଣୀ,୨୭।୩ (ରାକେଶ କୁମାର ରାଉତ)**

କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ୍ ମୂଳଗୁଦାରୀ ପ୍ରାଥମିକ ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳଣା ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଛି। ସାଧନକେନ୍ଦ୍ର ସଂଯୋଜିକା ସୁଜାତା କୁମାରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ୨ ଦିନ ଧରି ଏହି କର୍ମଶାଳାରେ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ, ସହବୌଦ୍ଧିକ ବିକାଶ ସହିତ ଖେଳନା ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଶିକ୍ଷଣ ସାମଗ୍ରୀଗୁଡ଼ିକ ଦୈନନ୍ଦିନ କାର୍ଯ୍ୟ ସହିତ ଜଡ଼ିତ ସଂସ୍କୃତି ଏବଂ ମୌଳିକ ସାକ୍ଷରତା ସଂଖ୍ୟାଜ୍ଞାନକୁ ନେଇ ପ୍ରସ୍ତୁତ କରାଯାଇଥିଲା। ଏହି କର୍ମଶାଳାରେ ଗୁଦାରୀ କ୍ଲଷ୍ଟରର ୯ଟି ବିଦ୍ୟାଳୟର ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। ବିଭିନ୍ନ ସାଧନ କେନ୍ଦ୍ରର ପ୍ରଶିକ୍ଷକମାନେ ଶିକ୍ଷୟିତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପଟ୍ଟନାୟକ ସହଯୋଗ କରିଥିଲେ।

# ମୁନିସିପେଣ୍ଟ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଆନ୍ଧ୍ରର ୩୦ ବିଡିଓ



ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିବା ଆନ୍ଧ୍ରର ବିଡିଓମାନେ।

**ଛତ୍ରପୁର,୨୭।୩(ଦିଲୀପ ସାମଲ)**

ଛତ୍ରପୁର ବ୍ଲକ ପୋଟଲାମପୁର ପଞ୍ଚାୟତ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୁକ୍ରବାର ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶର ୩୦ ଜଣ ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ) ପରିଦର୍ଶନ କରିଛନ୍ତି । ପୋଟଲାମପୁର ପଞ୍ଚାୟତ ଜାତୀୟସ୍ତରରେ ସୁସ୍ଥ ଗ୍ରାମପଞ୍ଚାୟତ ରୂପରେ ବିବେଚିତ ହୋଇଛି। ଏହି କାରଣରୁ ଆନ୍ଧ୍ରର ବିଡିଓମାନେ ପରିଦର୍ଶନରେ ଆସିଥିଲେ। ସେଠାରେ ମୁଖ୍ୟ ପରିଚାଳନା ଦାୟିତ୍ୱରେ ଛତ୍ରପୁର ବିଡିଓ ସମ୍ବିତ୍ ସଂଗ୍ରାମଜିତ ସାହୁ ଏବଂ ଡାକ୍ତର ସ୍ୱାଧୀନ ରଥ, ବ୍ଲକ ପବ୍ଲିକ ହେଲଥ ଅଫିସର, ଏସଏଆରଡ଼ିରୁ ଆସିଥିବା ଭୁବନେଶ୍ୱର ଅଫିସିଆଲ ଷ୍ଟାଫ୍, ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତିସଭ୍ୟ ଶମ୍ଭୁନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଡା. ରଥ ନିଜର ସମୂହ ବିବରଣୀ ପ୍ରଦାନ କରିଥିଲେ। ସେହିପରି ଗ୍ରାମସଭା ବୈଠକ, ଗ୍ରାମ ପରିବେଶ ସ୍ୱଚ୍ଛତା ସମ୍ପର୍କରେ ବିଡ଼ିଓ ସାହୁ ଆଲୋକପାତ କରିଥିଲେ। ଆନ୍ଧ୍ରର ବିଡିଓମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା ସ୍ୱାସ୍ଥ୍ୟବାନ ପଞ୍ଚାୟତର ସମସ୍ତ କର୍ଯ୍ୟକମ ଦେଖି ଖୁସି ହୋଇଛନ୍ତି। ଏହା ଆମ ପଞ୍ଚାୟତର ଗର୍ବ ଓ ଗୌରବ ବୋଲି ଡ଼ାକ୍ତର ରଥ ଏବଂ ବିଡ଼ିଓ ସାହୁ ପ୍ରକାଶ କରିଛନ୍ତି। ସିଡ଼ିପିଓ ପ୍ରଣମିତା ପଣ୍ଡା, ବିପିଏମ ସୀମାଞ୍ଚଳ ପ୍ରଧାନ, ପିଏଚଇଓ ବରୁଣ କୁମାର ପାଣିଗ୍ରାହୀ, ନାୟନିକ ପଣ୍ଡା, ଶର୍ମିଷ୍ଠା ଦାସ, ସୁଚିସ୍ମିତା ବେହେରା ଏବଂ ମେଡିକାଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀରାମ ନବମୀ

**ପାରଳାଖେମୁଣ୍ଡି,୨୭।୩(ଗିରିଧାରୀ ପରିଚ୍ଛା)**

ଗଜପତି ଜିଲା ସଦର ପାରଳାଖେମୁଣ୍ଡିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ଶ୍ରୀରାମ ନବମୀ ପାଳିତ ହୋଇଛି। ଏହି ଅବସରରେ ପୁରୀ ଚନ୍ଦନପୁର ନିବାସୀ ପ୍ରସିଦ୍ଧ ରାମକଥା ବାଚକ ବସନ୍ତ ପଣ୍ଡା ଶ୍ରୀରାମଙ୍କ ଗୌରବମୟ ଚରିତ୍ରରୁ ଅନେକ ଉପାଦେୟ କଥା ସମ୍ପର୍କରେ ଆଲୋକପାତ କରିବା ସହ ଦୈନନ୍ଦିନ ଜୀବନରେ ଶ୍ରୀରାମଚନ୍ଦ୍ରଙ୍କ ନୀତି ଆଦର୍ଶକୁ କିପରି ଅନୁକରଣ କରାଯାଇପାରିବ ସେନେଇ ପ୍ରବଚକ ପଣ୍ଡା ବୁଝାଇଥିଲେ। ବିଦ୍ୟାଳୟ ଉପଦେଷ୍ଟା ଅନାଦି ପାଣିଗ୍ରାହୀ, ପ୍ରବଚକ ପଣ୍ଡା ଓ ସହଯୋଗୀ ଦିଲୀପ ସ୍ୱାଇଁ ଓ ସୁକାନ୍ତ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀଛାତ୍ରମାନେ ଶ୍ରୀରାମ, ମାତା ସୀତା, ଲକ୍ଷ୍ମଣ, ଭରତ, ଶତ୍ରୁଘନ, ହନୁମାନ ବେଶରେ ସଜାଇ ହୋଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି କୋଷାଧ୍ୟକ୍ଷ ପ୍ରମୋଦ ପାଢ଼ୀଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ସରୋଜ ପଣ୍ଡା ଓ ଅନ୍ୟମାନେ ପରିଚାଳନା କରିଥିଲେ।

# ବାବା ସୋମନାଥଙ୍କ ମନ୍ଦିର ପ୍ରତିଷ୍ଠା

**ଖଜୁରିପଡ଼ା, ୨୭।୩ (ବିଦୁର ବେହେରା)**



ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ଦୁତିମେଣ୍ଡି ପଞ୍ଚାୟତ ସମ୍ପେପଦର ଗ୍ରାମରେ ବାବା ସୋମନାଥ ଠାକୁରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଚୈତ୍ର ମାସ ଶୁକ୍ଳ ଷଷ୍ଠୀ ତିଥି ଅନୁସାରେ ମାର୍ଚ୍ଚ ୨୪ ରୁ ୨୭ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ପାଳିତ ହୋଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରକାଶିତ କାର୍ଯ୍ୟସୂଚୀ ଅନୁଯାୟୀ, ମଙ୍ଗଳବାର ପ୍ରାତଃ ସମୟରେ ଦୀକ୍ଷା ଗ୍ରହଣ ଓ ଅଙ୍କୁରାରୋପଣ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବୁଧବାର କକ୍ଷ ସୂର୍ଯ୍ୟ ପୂଜା, ଶାଳ ପୂଜା, ଧାନ୍ୟାଧିବାସ ଏବଂ ଅଗ୍ନି ସ୍ଥାପନ ଭଳି ବୈଦିକ ରୀତିନୀତି ଅନୁଷ୍ଠିତ ହୋଇଛି। ଗୁରୁବାର ଠାକୁରଙ୍କ ସ୍ନାନ ଓ ମଣ୍ଡଳ ପୂଜା ସହ ନାମଯଜ୍ଞ ଆରମ୍ଭ ହୋଇଥିଲା। ମଧ୍ୟାହ୍ନରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଶୁକ୍ରବାର ଅନ୍ତିମ ଦିବସରେ ନ୍ୟାସ କର୍ମ ଓ ଧ୍ୱଜା ରୋପଣ ସହ ଅପରାହ୍ନରେ ପୂର୍ଣ୍ଣାହୁତି ଶେଷ ହୋଇଛି। ମନ୍ଦିର ପରିଚାଳନା କମିଟିର ସଭାପତି ଭାଗିରଥି କହଁର, ସାଧାରଣ ସମ୍ପାଦକ ଗୋଲକ ବିହାରୀ ମଲ୍ଲିକ ଏବଂ କୋଷାଧ୍ୟକ୍ଷ ବିଦେଶୀ ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ହୋଇଛି। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କମିଟି ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଏହି ଉତ୍ସବକୁ ନେଇ ଆଖପାଖ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି।

# ବିଧାୟକ ଦାଶରଥି ଗୋଷ୍ଠୀଙ୍କ ଶୋଭାଯାତ୍ରା




**ନୂଆଗଡ଼, ୨୭।୩ (ଯୋଗ୍ୟବନ୍ତ ପରିଚ୍ଛା)**

ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟଂ ଅଭିଯୋଗରେ କଂଗ୍ରେସରୁ ନିଲମ୍ବିତ ହୋଇଥିବା ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ କରିବା ଲାଗି ଶୁକ୍ରବାର ତାଙ୍କ ସମର୍ଥକମାନେ ସହରରେ ଏକ ଶୋଭାଯାତ୍ରା କରିଛନ୍ତି। ଗଜପତି ଜିଲା ନୂଆଗଡ ବ୍ଲକ ସଭାପତି ଭାଲେରିଆନ ଗମାଙ୍ଗଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶୋଭାଯାତ୍ରା ସ୍ଥାନୀୟ ଶିଶୁ ମନ୍ଦିର ନିକଟରୁ ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ବିଧାୟକ ଗମାଙ୍ଗ ୧୮ବର୍ଷ ହେଲା ସଂଘର୍ଷ କରି କଂଗ୍ରେସକୁ ମୋହନା ନିର୍ବାଚନ ମଣ୍ଡଳୀରେ ମଜବୁତ କରିଛନ୍ତି । ସେ ୨ ଥର ବ୍ଲକ ଅଧ୍ୟକ୍ଷ ରହିବା ସହ ୨ ଥର ଲଗାତାର ଭାବେ ବିଧାୟକ ନିର୍ବାଚିତ ହୋଇ ଦଳକୁ ସଂଗଠିତ କରିଛନ୍ତି। ତାଙ୍କ ନିଲମ୍ବନ ପ୍ରତ୍ୟାହାର କରିବାକୁ ସମସର୍ଥକମାନେ ପିସିସି ସଭାପତିଙ୍କ ନିକଟରେ ଦାବି କରିଛନ୍ତି । ଯଦି ନିଲମ୍ବନ ପ୍ରତ୍ୟାହାର ନ ହୁଏ ତେବେ ପିସିସି କାର୍ଯ୍ୟାଳୟ ଘେରିବୁ ବୋଲି ଚେତାବନୀ ଦେଇଛନ୍ତି । ପିସିସି ସଭ୍ୟ ପୁରୁଷୋତ୍ତମ ପାଣିଗ୍ରାହୀ, ଗଜପତି ଜିଲା କଂଗ୍ରେସ ମାଇନୋରିଟି ସଭାପତି ସୁନୀଲ ସିଂ, ବ୍ଲକ ଉପସଭାପତି ସୁମନ୍ତ କର, ସେକ୍ରେଟେରୀ ଯିଶୟ ଗମାଙ୍ଗ ଓ ଅନ୍ୟମାନେ ଏଥିରେ ସାମିଲ ହୋଇଥିଲେ।

# ଦଣ୍ଡଯାତ୍ରା ସୁପରିଚାଳନା ପାଇଁ ଜାରି ହେଲା ନୀତି, ନିୟମ

**ବୁଗୁଡା,୨୭।୩(କାଳିଚରଣ ଦାଶ)**



ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

ଚଳିତ ବର୍ଷ ଦଣ୍ଡଯାତ୍ରାର ଶାନ୍ତିପୂର୍ଣ୍ଣ ତଥା ସୁପରିଚାଳନା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ନୀତି ନିୟମ ଜାରି କରାଯାଇଛି। ଏଥିସହ ବିଭିନ୍ନ ଦଣ୍ଡଯାତ୍ରା ପରିଚାଳନା କମିଟିର କର୍ମକର୍ତ୍ତାଗଣଙ୍କୁ ନେଇ ଏକ ବୈଠକ ବୁଗୁଡ଼ା ଥାନା ପରିସରରେ ଅନୁଷ୍ଠିତ ହୋଇଛି। ଭଞ୍ଜନଗର ଏସ୍‌ଡିପିଓ ଦୀପକ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ସମେତ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଦଣ୍ଡଯାତ୍ରା କମିଟିର କର୍ମକର୍ତ୍ତାବୃନ୍ଦ ଉପସ୍ଥିତ ରହି ଆଇନ ଓ ନିୟମାବଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। କୌଣସି ଅଶ୍ଲୀଳ ଏବଂ ନଗ୍ନ ନୃତ୍ୟ ପ୍ରଦର୍ଶନକୁ ବାରଣ, କଳାକାରମାନଙ୍କ ପୋଷାକ ସାଜସଜ୍ଜାରେ ଶାଳୀନତା ବଜାୟ ରଖିବା, ପୌରାଣିକ ନାଟକ ଏବଂ ଲୋକ ନୃତ୍ୟକଳା ପ୍ରତି ଧ୍ୟାନ ଦେବା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କଳାକାରମାନଙ୍କର ତାଲିକା ସୁପାରିଶ ପାଇଁ ଥାନାରେ ଆଗୁଆ ଦାଖଲ କରିବା, ଦଣ୍ଡଯାତ୍ରା କାଳରେ ଜନ ସମାଗମ ଏବଂ ଲାଉଡସ୍ପିକର ପାଇଁ ସ୍ଥାନୀୟ ପୋଲିସ ଏବଂ ସକ୍ଷମ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ଗ୍ରହଣ କରିବା, ଆବଶ୍ୟକ ସ୍ଥଳେ ୧୧୨ ଜରୁରୀକାଳୀନ ପୋଲିସ ପ୍ରତିକ୍ରିୟା ନମ୍ବର ବ୍ୟବହାର ସମ୍ପର୍କରେ ପୋଲିସ ପକ୍ଷରୁ ଅବଗତ କରାଯାଇଥିଲା।

### ଶେରଗଡ଼ରେ ଅଘୋଷିତ ବିଦ୍ୟୁତ୍ କାଟ୍

**ଶେରଗଡ଼,୨୭।୩(ସୂର୍ଯ୍ୟ ନାରାୟଣ ଦାଶ)**

ଶେରଗଡ଼ରେ ବିଦ୍ୟୁତ୍ ବିଭ୍ରାଟ ଦିନକୁ ଦିନ ବଢ଼ିବାରେ ଲାଗିଛି। ମେଣ୍ଟେନାନ୍ସ ଆଳରେ ଏପରି ବିଦ୍ୟୁତ୍ କାଟ କରାଯାଉଥିବା ଅଭିଯୋଗ ହେଉଛି। ଏପରି ଦିନକୁ ୪/୫ ଥର ବିଦ୍ୟୁତ୍ କାଟ ହେଉଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଟାଟା ପାୱାର ବିଦ୍ୟୁତ୍ କାଟ୍ ସମ୍ପର୍କରେ କିଛି ସୂଚନା ନ ଦେଇ ବିଦ୍ୟୁତ୍ କାଟ କରୁଥିବାରୁ କମ୍ପାନୀର ଏପରି ମନଇଚ୍ଛା ନୀତିକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଡିଜିଟାଲ ଜନଗଣନା ତାଲିମ ଶିବିର ଉଦ୍‌ଯାପିତ



ଜନଗଣନାରେ ସାମିଲ ହୋଇଥିବା କର୍ମଚାରୀ।

**ଚିକିଟି,୨୭।୩ (ପ୍ରକାଶ ଚନ୍ଦ୍ର ସାହୁ)**

ଗଞ୍ଜାମ ଜିଲା ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସରରେ ୨୪ ତାରିଖ ଠାରୁ ଚାଲିଥିବା ଡିଜିଟାଲ ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏନଏସି ଅଧ୍ୟକ୍ଷା ଦୀପା କୁମାରୀ ସାହୁ ଯୋଗ ଦେଇଥିବା ବେଳେ ପ୍ରଶାସନିକ ନିର୍ଦ୍ଦେଶ କ୍ରମେ ତହସିଲଦାର ବିଶ୍ୱରଞ୍ଜନ କହର, ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟକ୍ରମ ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ସୋରେନ ଏବଂ ଛତ୍ରପୁର ପିଡି ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦର ୧୨ଟି ୱାର୍ଡ ପାଇଁ ଜନଗଣନା କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ରହିଥିବା କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ୪ଜଣ ସୁପରଭାଇଜର ଏବଂ ୨୪ ଜଣ ଜନ ଗଣନାକାରୀ ରହିଥିବା ବେଳେ ତାଲିମ ଦାତା ଭାବେ ସୁନୀଲ ନାୟକ, ମହିମା ସୋରେନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ପାନୀୟ ଜଳ, ଅଳିଆ ଆବର୍ଜନା ସହ ଷ୍ଟ୍ରିଟ୍ ଲାଇଟ ସମସ୍ୟା ଭୋଗୁଛନ୍ତି ଲୋକେ

**ନୂଆଗଡ଼, ୨୭।୩ (ଯୋଗ୍ୟବନ୍ତ ପରିଚ୍ଛା )**

## ସମସ୍ୟାରେ କେ. ଝାଲରସିଂ ଗ୍ରାମ



ପାନୀୟ ଜଳ ଆସୁ ନ ଥିବା ଟ୍ୟାପ।

ଗଜପତି ଜିଲା ନୂଆଗଡ ବ୍ଲକ ଅନ୍ତର୍ଗତ କେ. ଝାଲରସିଂ ପଞ୍ଚାୟତର କେ. ଝାଲରସିଂ ଗ୍ରାମରେ ରହିଛି ବହୁବିଧ ସମସ୍ୟା। ପାନୀୟ ଜଳ, ଅସ୍ୱାସ୍ଥ୍ୟକର ପରିବେଶ ଓ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟାରେ ଚଳୁଛନ୍ତି ଗ୍ରାମବାସୀ। ୨୫୦୦ ଜନସାଧାରଣ ବସବାସ କରୁଥିବା କେ. ଝାଲରସିଂ ଗ୍ରାମରେ ପାନୀୟ ଜଳ ପାଇଁ ୪ଟି କୂଅ ଓ ୬ଟି ନଳକୂପ ରହିଥିଲେ ମଧ ଖରାଦିନେ ଜଳ ସମସ୍ୟା ସୁଧୁରୁନି। ରହିଥିବା ୪ଟି କୂଅ ଶୁଖିଯାଉଥିବା ବେଳେ ନଳକୂପ ଅଚଳ ହୋଇ ପଡ଼ିଛି। ବସୁଧା ଯୋଜନାରେ ୫୦ ହଜାର ଲିଟରର ୨ଟି ପାଣିଟ୍ୟାଙ୍କ ରହିଥିଲେ ମଧ ୧୫ ଦିନକୁ ଥରେ ପାଣି ପାଇପ ଯୋଗେ ଆସୁଛି। ପାଣି ଟ୍ୟାଙ୍କ ସଫା ହେଉ ନ ଥିବାରୁ ଗୋଳିଆ, ଆବର୍ଜନା ପାଣି ଆସୁଛି। ସେହି ପାଣି ପିଇ ଗ୍ରାମବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ବର୍ଷେ ହେଲା ଗ୍ରାମର ନାଳ ନର୍ଦ୍ଦମା ସଫା ହେଉନି। ଚେକଡ୍ୟାମଠାରେ ଗଦା ହେଉଥିବା ଅଳିଆ ପଞ୍ଚାୟତ ସଫା କରୁନାହିଁ। ସରକାରଙ୍କ ଷ୍ଟ୍ରିଟ୍ ଲାଇଟ ଯୋଜନା ଅନୁଯାୟୀ ଗ୍ରାମର ପ୍ରତେକ ବିଦ୍ୟୁତ୍ ଖୁଣ୍ଟରେ ଉଜ୍ୱଳ ଲାଇଟ୍ ଲଗାଯାଇଛି। କିନ୍ତୁ ଏହା ଦୀର୍ଘ ଦିନ ଅଚଳ ହୋଇ ପଡିଛି। ସନ୍ଧ୍ୟା ହେଲେ ଗ୍ରାମବାସୀ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ଏହି ରାସ୍ତାରେ ବିଭିନ୍ନ ସମୟରେ ସରକାରୀ କର୍ମଚାରୀ, ନେତା, ମନ୍ତ୍ରୀ ଯିବାଆସିବା କରନ୍ତି ଅଥଚ ସେମାନେ ଏହି ରାସ୍ତା ପାର୍ଶ୍ୱର ଅଳିଆ ଆବର୍ଜନା, ପାନୀୟ ଜଳ ଓ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ପ୍ରଶାସନ ଗ୍ରାମ ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ସମାଧାନ ନ କଲେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟଠାରେ ଧାରଣା ଦେବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### କୁଠାରୀ ଚଣ୍ଡୀଙ୍କ ମୁଣ୍ଡନ ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁ



ବ୍ରହ୍ମପୁର,୨୭।୩(ସୁବାସ ଚନ୍ଦ୍ର ପାଢ଼ୀ)

ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା କାବିଟି ଥାନା ରାଜପୁର ପଞ୍ଚାୟତ ବିନ୍ଧ୍ୟଗିରି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କୁଠାରୀ ଚଣ୍ଡୀଙ୍କ ପୀଠରେ ମୁଣ୍ଡନ ଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରତିବର୍ଷ ଅଶୋକାଷ୍ଟମୀ ତିଥିରେ ଏହି ପୀଠରେ ମା'ଙ୍କ ଯାତ୍ରା ହୁଏ। ମା' କୁଠାରୀ ବହୁ ବ୍ରାହ୍ମଣ ପରିବାର ସହ ଅନେକଙ୍କ ଗୃହ ଇଷ୍ଟଦେବୀ ହୋଇଥିବାରୁ ବର୍ଷକରେ ଏହି ଗୋଟିଏ ଦିନ ଲକ୍ଷାଧିକ ପରିବାର ଏହି ପୀଠକୁ ଆସି ପୂଜାର୍ଚ୍ଚନା ସହିତ ନିଜ ପିଲାଙ୍କ ମୁଣ୍ଡନ କରିଥାନ୍ତି । ଚଳିତ ବର୍ଷ ମା'ଙ୍କ ଯାତ୍ରା ଗୁରୁବାର ସମ୍ପନ୍ନ ହୋଇଛି। ବୁଧବାର ସକାଳୁ ଅନ୍ନଯଜ୍ଞ ସହ ସ୍ଥାନୀୟ ଭକ୍ତଙ୍କ ଦ୍ୱାରା ମହାଦୀପ ସ୍ଥାପନ ହୋଇଥିଲା।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଆସିକା,୨୭।୩(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଜୁ ପଟ୍ଟନାୟକ ଛକ ସନ୍ନିକଟ ବଡନଦୀ କୂଳଠାରେ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି । ମୃତକ ହେଲେ ପାଟପୁର ଗାନ୍ଧୀ ଛକର କୈଳାସ ସ୍ୱାଇଁ (୪୫) । ପୋଲିସ ମୃତଦେହକୁ ଆସିକା ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ଆସିକା ଥାନାରେ ନଂ.୭/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି । ପାରିବାରିକ କଳହକୁ କେନ୍ଦ୍ର କରି ଯୁବକ ଆତ୍ମହତ୍ୟା କରିଥିବା କୁହାଯାଉଛି ।

### ସକାଳେ କୁହୁଡ଼ି, ଅପରାହ୍ନରେ ବର୍ଷା

ଦିଗପହଣ୍ଡି,୨୭।୩ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକ ଅଞ୍ଚଳରେ ପାଣିପାଗରେ ପରିବର୍ତ୍ତନ ନେଇ ସାଧାରଣରେ ଭିନ୍ନ ଚର୍ଚ୍ଚା ହେଉଛି। ଶୁକ୍ରବାର ଭୋରରୁ ସକାଳ ସାଢେ ୮ଟା ଯାଏ ଘନକୁହୁଡି ଲାଗି ରହିଥିଲା ବେଳେ ଅପରାହ୍ନରେ ବଜ୍ରପାତ ସାଙ୍ଗକୁ ଝଡ଼ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଝଡ଼ ବର୍ଷା ଓ କୁଆପଥର ମାଡରେ ବହୁ ସଂଖ୍ୟକ ପଥଚାରୀ ପ୍ରଭାବିତ ହୋଇଥିବା ବେଳେ ଦିଗପହଣ୍ଡି ସହର ସମେତ ଆଖପାଖ ଗ୍ରାମାଞ୍ଚଳ ମାନଙ୍କରେ ଅନୁଷ୍ଠିତ ମାଙ୍ଗଳିକ କାର୍ଯ୍ୟ ବାଧା ସୃଷ୍ଟି ହୋଇଥିଲା। ପବନରେ ଅନେକ ଅଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ଗଛ କାଟି ଅବରୋଧ ହଟାଇ ଥିବା ଜଣାପଡିଛି।

### ବାଇକ୍ ଦୁର୍ଘଟଣାରେ ୨ ଯୁବକ ଗୁରୁତର

ବୁଗୁଡା,୨୭।୩ (କାଳୀଚରଣ ଦାଶ)

ବୁଗୁଡ଼ା ସହର ବଡଶଙ୍ଖ ନିକଟରେ ଶୁକ୍ରବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ଯୁବକ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ବୁଗୁଡ଼ା ଚିକିତ୍ସାଳରେ ଭର୍ତ୍ତି କରାଯାଇଥିଲା। ପରେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ଲାଠିପଡ଼ା ଗ୍ରାମର ରବିନ୍ଦ୍ର ନାୟକ (୨୧) ଓ ବେଲଗୁଣ୍ଠା ଥାନା ଅନ୍ତର୍ଗତ ସୁରମଣି ଗ୍ରାମର ବାବୁ ନାୟକ (୩୦)। ଶୁକ୍ରବାର ସନ୍ଧ୍ୟାରେ ବାବୁ ବୁଗୁଡା ନିକଟସ୍ଥ ଷୋଳମଇଲିକୁ ଯାଉଥିଲେ ଏବଂ ରବିନ୍ଦ୍ର କୌଣସି କାମରେ ବୁଗୁଡା ଆସୁଥିଲେ। ତେବେ ବଡଶଙ୍ଖ ନିକଟରେ ଉଭୟଙ୍କ ବାଇକ୍ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଉଭୟଙ୍କ ଡାହାଣ ଗୋଡ ଭାଙ୍ଗିଯାଇଛି।

### ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ବୁଗୁଡା,୨୭।୩(କାଳୀଚରଣ ଦାଶ)

ବୁଗୁଡ଼ା ବ୍ଲକ କରଚୁଲି ପଞ୍ଚାୟତ ହାତୀଗଣ୍ଡ ଗ୍ରାମରେ ଜଣେ ବିଧବା ମହିଳା ପୋଖରୀରେ ବୁଡି ମୃତ୍ୟୁ ହୋଇଛନ୍ତି। ସେ ହେଲେ ମେଘ ନାଇକ(୫୭)। ପ୍ରକାଶ ଯେ, ଶୁକ୍ରବାର ସକାଳେ ମେଘ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଅପରାହ୍ନରେ ତାଙ୍କର ମୃତଦେହ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରି କେଶ୍ ନଂ. ୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ହିନ୍ଦୁ ସମାଜକୁ ସୁଦୃଢ଼ କରିବାକୁ ଆହ୍ୱାନ

ବ୍ରହ୍ମପୁର,୨୭।୩(ଅଶୋକ କୁମାର ସାହୁ)



କାର୍ଯ୍ୟକ୍ରମରେ ଉପସ୍ଥିତ ତୋଗାଡିଆଙ୍କ ସହ ଅନ୍ୟମାନେ।

ବିଶ୍ୱ ହିନ୍ଦୁ ପରିଷଦର ପୂର୍ବତନ ଅନ୍ତର୍ଜାତୀୟ ଅଧ୍ୟକ୍ଷ ଡଃ ପ୍ରବୀଣ ଭାଇ ତୋଗାଡିଆ ଶୁକ୍ରବାର ବ୍ରହ୍ମପୁର ଗସ୍ତ କରିଛନ୍ତି। ବ୍ରହ୍ମପୁର ସର୍କିଟ ହାଉସ୍‌ରେ ଏହି ଅବସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସେ ଯୋଗଦେଇ ହିନ୍ଦୁ ସମାଜର ସୁରକ୍ଷା, ସମୃଦ୍ଧି ଏବଂ ଭବିଷ୍ୟତ ଯୋଜନା ସମ୍ପର୍କରେ ଆଲୋଚନା କରିଛନ୍ତି। ସମ୍ମିଳନୀରେ ରାଷ୍ଟ୍ରୀୟ ବଜରଙ୍ଗ ଦଳ, ରାଷ୍ଟ୍ରୀୟ ମହିଳା ପରିଷଦ ଓଜସ୍ୱିନୀ ସମେତ ବିଭିନ୍ନ ହିନ୍ଦୁ ସଂଗଠନର କର୍ମୀ ଓ ସ୍ଥାନୀୟ ନେତା ଉପସ୍ଥିତ ଥିଲେ । ତୋଗଡିଆ କହିଛନ୍ତି ଯେ, ଦେଶର ସମସ୍ତ ହିନ୍ଦୁ ସଂଗଠନର ମିଳିତ ପ୍ରଚେଷ୍ଟା ଏବଂ ଏକତା ଦ୍ୱାରା ହିଁ ଭାରତରେ ହିନ୍ଦୁ ସମାଜକୁ ପୂର୍ଣ୍ଣ ସୁରକ୍ଷିତ କରାଯିବା ସମ୍ଭବ। ଏଥିପାଇଁ ସେ କେନ୍ଦ୍ର ସରକାରଙ୍କୁ ଜନସଂଖ୍ୟା ନିୟନ୍ତ୍ରଣ ଆଇନ ଆଣିବାକୁ ଦାବି କରିଛନ୍ତି । ପ୍ରତ୍ୟେକ ହିନ୍ଦୁ ପରିବାର ତିନିଟି ସନ୍ତାନ ଜନ୍ମ ଦେବା ଉଚିତ । ଏହା ଦ୍ୱାରା ହିନ୍ଦୁ ସମାଜର ଜନସଂଖ୍ୟା ବଢ଼ିବ ଏବଂ ଦେଶରେ ହିନ୍ଦୁ ବହୁମତ ଦୃଢ଼ ହେବ । ଏକ ଶିକ୍ଷିତ, ରୋଜଗାରଯୋଗ୍ୟ ଏବଂ ସୁସ୍ଥ ପରିବାର ହିଁ ଦେଶର ମେରୁଦଣ୍ଡ ହୋଇପାରିବ । ସମୃଦ୍ଧ ହିନ୍ଦୁ ସମାଜ ଗଠନ ପାଇଁ ଏକ ବିଶେଷ କାର୍ଯ୍ୟକ୍ରମ ସେ ଘୋଷଣା କରିଛନ୍ତି । ସେ କହିଛନ୍ତି, ଭାରତ ସହ ଓଡ଼ିଶା ଏବଂ ଗଞ୍ଜାମ ଜିଲାର ଗାଁ ଠାରୁ ସହର ପର୍ଯ୍ୟନ୍ତ ପ୍ରତ୍ୟେକ ମଙ୍ଗଳବାର ଓ ଶନିବାର ଦିନ ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହି କାର୍ଯ୍ୟକ୍ରମରେ ମାଗଣା ସ୍ୱାସ୍ଥ୍ୟ ଶିବିର କରାଯାଇ ଉଚ୍ଚ ରକ୍ତଚାପ ଏବଂ ମଧୁମେହ ରୋଗର ପରୀକ୍ଷା କରାଯିବ । ଏହା ସହିତ ସୁସ୍ଥ ରହିବା ପାଇଁ ମୂଳ ମନ୍ତ୍ର ପ୍ରଦାନ କରାଯିବ । ଭାରତରେ ଉଚ୍ଚ ରକ୍ତଚାପ ରୋଗୀ ସଂଖ୍ୟା ୨୫ କୋଟି ଛୁଇଁଲାଣି, ଯାହାକି ଚିନ୍ତାଜନକ । ହିନ୍ଦୁ ସମାଜର ସୁସ୍ଥତା, ଏକତା ଏବଂ ସକ୍ରିୟ ଭୂମିକା ଦ୍ୱାରା ହିଁ ଦେଶରେ ହିନ୍ଦୁ ଧର୍ମର ଗୌରବ ଓ ସମ୍ମାନ ବଢ଼ିବ । ଗ୍ରାମ୍ୟସ୍ତରରୁ ହିନ୍ଦୁ ଯୁବକ-ଯୁବତୀଙ୍କୁ ସଂଗଠିତ କରି ଏକ ସୁସ୍ଥ, ଶିକ୍ଷିତ ଏବଂ ସୁଦୃଢ଼ ହିନ୍ଦୁ ସମାଜ ଗଢ଼ି ତୋଳିବାକୁ ସେ ଆହ୍ୱାନ ଦେଇଛନ୍ତି ।

# ଅସ୍ଥାୟୀ ପୀଠରେ ପୂଜା ପାଇଲେ ମା'

## ବୁଢ଼ୀ ଠାକୁରାଣୀ ଯାତ୍ରା ପାଇଁ ପାଟପୁର ଉତ୍ସବମୁଖର

ଦିଗପହଣ୍ଡି,୨୭।୩(ଅଶେଷ ନାଥ ମିଶ୍ର)



ସାନଖେମୁଣ୍ଡି ବ୍ଲକ ପାଟପୁର ଗାଁର ଗ୍ରାମଦେବତୀ ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ୨ବର୍ଷ ବ୍ୟବଧାନରେ ଚୈତ୍ର ଶୁକ୍ଳ ନବମୀ ଶୁକ୍ରବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ମାସେ ବ୍ୟାପୀ ହେବାକୁ ଥିବା ଏହି ଯାତ୍ରା ମହୋତ୍ସବ ନିମନ୍ତେ ସମଗ୍ର ଗାଁ ଉତ୍ସବମୁଖର ହୋଇଉଠିଛି। କର୍ତ୍ତା ଭାବେ ପଦ୍ମ ଲୋଚନ ପାଣିଗ୍ରାହୀ ଓ ତାଙ୍କ ସ୍ତ୍ରୀ ପ୍ରଭାସିନୀ ପାଣିଗ୍ରାହୀ ଦାୟିତ୍ୱ ତୁଲାଉଛନ୍ତି। ମା' ବୁଢ଼ୀ ଠାକୁରାଣୀ ମନ୍ଦିରରେ ପୁରୋହିତ ଚନ୍ଦନ ଶତପଥୀ, ପ୍ରମୋଦ ପୁରୋହିତ ସନ୍ଧ୍ୟାରେ ମା'ଙ୍କୁ ପୂଜାର୍ଚ୍ଚନା କରିବା ପରେ ଯାତ୍ରା ପରିଚାଳନା କମିଟି ସଭାପତି ଟି. ବାବୁ ସୁବୁଦ୍ଧି, ସମ୍ପାଦକ ରଞ୍ଜନ ଖୁଣ୍ଟିଆ, ସହ ସମ୍ପାଦକ ଅରୁଣ ଖୁଣ୍ଟିଆ, କୋଷାଧ୍ୟକ୍ଷ ରଘୁନାଥ ବେହେରା, ଉପଦେଷ୍ଟା ଡ଼. କୈଳାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖଙ୍କ ସମେତ ବହୁସଂଖ୍ୟକ ଗ୍ରାମବାସୀଙ୍କ ଉପସ୍ଥିତିରେ ମା'ଙ୍କୁ ମହାସ୍ନାନ କରାଯାଇଥିଲା। ନୂତନ ବସ୍ତ୍ର ଆବରଣ ପରେ ସେବା ପୂଜା କରାଯାଇ ସାନ୍ଧ୍ୟ ଆଳତି କରାଯାଇଥିଲା। ଭୋଗ ପରେ ଅସ୍ଥାୟୀ ଯାତ୍ରାପୀଠକୁ ଯିବା ନିମନ୍ତେ ମା'ଙ୍କୁ ଯାତ୍ରା କମିଟି ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ସେବାୟତ ବୃନ୍ଦ ଓ ପୁରୋହିତ ଦୀର୍ଘ ସମୟ ପୂଜା ଆରାଧନା କରିବା ପରେ ମା'ଙ୍କ ମସ୍ତକରୁ ଆଜ୍ଞାମାଳ ଫୁଲମଣ୍ଡା ଖସିଥିଲା। ଏକ ସୁସଜ୍ଜିତ ତାଟରେ ଫୁଲମଣ୍ଡା ସହ ମା'ଙ୍କ ଚଳନ୍ତି ପ୍ରତିମାକୁ ରଖାଯାଇ ପଟୁଆରରେ ଅସ୍ଥାୟୀ ଯାତ୍ରାପୀଠକୁ ଅଣାଯାଇଥିଲା। ସେଠାରେ ଘୃତ ହୋମ ସହ ମା'ଙ୍କୁ ସେବାପୂଜା କରାଯାଇଥିଲା। ନିଶାର୍ଦ୍ଧରେ ମା'ଙ୍କ ପହୁଡ଼ ନୀତି ସମାପନ ହୋଇଥିଲା। ଠାକୁରାଣୀ ଯାତ୍ରା ନିମନ୍ତେ ସମସ୍ତ ସାହି ବସ୍ତିରେ ଆନନ୍ଦ ଉଲ୍ଲାସ ଦେଖିବାକୁ ମିଳିଛି। ଦୂରଦୂରାନ୍ତରେ ରହୁଥିବା ଲୋକେ ପରିବାର ସହ ଗାଁରେ ପହଞ୍ଚିଛନ୍ତି। ଏହି ଯାତ୍ରା ମହୋତ୍ସବ ବୈଶାଖ ଶୁକ୍ଳ ଦ୍ୱାଦଶୀ ତିଥି ଏପ୍ରିଲ ୨୮ ତାରିଖ ବିଳମ୍ବିତ ରାତିରେ ଉଦଯାପିତ ହେବା କାର୍ଯ୍ୟକ୍ରମ ରହିଛି।

# ରାମ ନବମୀରେ ମନ୍ତ୍ରୀଙ୍କ ବାଇକ୍ ରାଲି

ପୋଲସରା,୨୭।୩(ସୁଶାନ୍ତ ମହାରଣା)



ପବିତ୍ର ରାମନବମୀକୁ ନେଇ ସବୁଠି ଆଧ୍ୟାତ୍ମିକ ଭାବ ଦେଖିବାକୁ ମିଳିଛି । ପୋଲସରାରେ ମଧ୍ୟ ବହୁ ଆଡ଼ମ୍ବରରେ ରାମନବମୀ ଉତ୍ସବ ପାଳିତ ହୋଇଛି। ପୋଲସରା ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କ ଆହ୍ୱାନକ୍ରମେ ଲୁଣିଘାଟି ପଡ଼ିଆରୁ ଏକ ବିଶାଳ ବାଇକ ରାଲି ସହ ଶୋଭାଯାତ୍ରା ବାହାରି ଥିଲା । ରାଣୀପଡା ଶ୍ରୀରାମ ମନ୍ଦିରରୁ ବାହାରିଥିବା ଶୋଭାଯାତ୍ରାରେ ୧୦୦୦ରୁ ଅଧିକ ଯୁବକ ସାମିଲ ଥିଲେ। ଜୟ ଶ୍ରୀରାମ ଧ୍ୱନିରେ ପୋଲସରା ପ୍ରକମ୍ପିତ ହୋଇ ଥିଲା । ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କ ଆଦର୍ଶ ଆମକୁ ନୀତି, ସତ୍ୟ ଓ ଧର୍ମର ପଥରେ ଚାଲିବାକୁ ପ୍ରେରଣା ଦେଇଥାଏ। ଯୁବ ଭାଜପା ତରଫରୁ ଆୟୋଜିତ ହୋଇଥିବା ଏହି ବିଶାଳ ବାଇକ ରାଲି କେବଳ ଏକ ରାଜନୈତିକ ସ୍ଥିତିକୁ ବୁଝାଏନି । ସନାତନ ଧର୍ମର ମୂଲ୍ୟବୋଧ, ଆଧ୍ୟାତ୍ମିକ ଜାଗରଣ ଓ ଯୁବ ଶକ୍ତିର ଏକତାର ଦୃଶ୍ୟ ପ୍ରକାଶ ପାଇଛି ବୋଲି ମନ୍ତ୍ରୀ ମଲ୍ଲିକ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ସମାଜିକ କର୍ମୀ ପ୍ରଭାକର ପଣ୍ଡା, ଦୀପକ କୁମାର ପ୍ରଧାନ, ଜଗନ୍ନାଥ ବାଢେଇ, ମୋତିରାମ ସାହୁ, ମନୋଜ କୁମାର ଖଟୁଆ, ରାମକୃଷ୍ଣ ପ୍ରଧାନ, ପ୍ରସନ୍ନ କୁମାର ଡାକୁଆଙ୍କ ସମେତ ବହୁ ଯୁବକ ଗୋଷ୍ଠୀ ରାମନବମୀର ଏହି ହିନ୍ଦୁତ୍ୱର ଏକତାରେ ଅଂଶଗ୍ରହଣ କରିଥିଲେ ।

# ବ୍ରହ୍ମପୁର କଳାକାର ଏକତା ମଞ୍ଚର ବିଶ୍ୱ ନାଟ୍ୟ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ମଞ୍ଚର ସଦସ୍ୟମାନେ।

ବ୍ରହ୍ମପୁର,୨୭।୩(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର କଳାକାର ଏକତା ମଞ୍ଚ ଶୁକ୍ରବାର ବିଶ୍ୱ ନାଟ୍ୟ ଦିବସ ପାଳିଛି। ସ୍ଥାନୀୟ ପ୍ରକାଶମ ହଲରେ ସଂଘ ସଭାପତି ରମେଶ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ କଳାକାରଙ୍କୁ ନେଇ ଏକ ସାଂସ୍କୃତିକ ଶୋଭାଯାତ୍ରା ହୋଇଥିଲା । ପରେ ସମାଜରେ ସାମ୍ପ୍ରତିକ ନାଟକର ପ୍ରଭାବ ସମ୍ପର୍କରେ ଆଲୋଚନା ହୋଇଥିଲା। ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ମୁଖ୍ୟ ଅତିଥି , ମେଜର ରମା ରମଣ ପାଢ଼ୀ, ନାଟ୍ୟକାର ତିରୁପତି ସାହୁ,ଓଡିଶା ନାଟ୍ୟସଙ୍ଘର ଦକ୍ଷିଣାଞ୍ଚଳ ଉପସଭାପତି ଭବାନୀ ଶଙ୍କର ମିଶ୍ର,ସଂଘ ସମ୍ପାଦକ ଅନିଲ କୁମାର ପାତ୍ର ଉପସ୍ଥିତ ଥିଲେ। ରବି ନାରାୟଣ ବେହେରାଙ୍କ ନିର୍ଦ୍ଦେଶିତ ହାସ୍ୟ ରସାତ୍ମକ ନାଟକ"ମାଆ ରାଣ ମିଛ କହୁନି" ମଂଚସ୍ଥ ହୋଇଥିଲା।

# ଦଣ୍ଡନାଚ ପାଇଁ ନିୟମାବଳୀ ଜାରିକଲେ ନିର୍ବାହୀ ଅଧିକାରୀ

## ଦିଗପହଣ୍ଡି ଏନ୍‌ଏସି

ଦିଗପହଣ୍ଡି,୨୭।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସହରରେ ମା' ରୁଦ୍ରକାଳୀଙ୍କ ଦଣ୍ଡନାଚ ପରିବେଷଣ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ଗୁରୁବାର ପ୍ରଶାସନ ପକ୍ଷରୁ ନିୟମାବଳୀ ଜାରି କରିଛନ୍ତି। ଏନେଇ ଦିଗପହଣ୍ଡି ସାହାଣୀ ସାହିର ମା' ରୁଦ୍ର କାଳୀ ନାଟ୍ୟ ସଂସଦ ଏବଂ ଭୋଇ ସାହିର ମା ' ଗୌରୀ ଶଙ୍କର ନାଟ୍ୟ ସଂସଦର କର୍ମକର୍ତ୍ତାମାନଙ୍କୁ ଏନଏସି କାର୍ଯ୍ୟାଳୟ ପକ୍ଷରୁ ନୋଟିସ ପ୍ରଦାନ କରାଯାଇଛି। ଦଣ୍ଡନାଚରେ କୌଣସି ପ୍ରକାର ଅଶ୍ଳୀଳ, ଅପସଂସ୍କୃତି ଭଳି ନୃତ୍ୟଗୀତ ପ୍ରଦର୍ଶନ କରାଯାଇପାରିବ ନାହିଁ। ଧାର୍ମିକ ଚିନ୍ତାଧାରା ଓ ବିଶ୍ୱାସକୁ ନେଇ ଅନୁଷ୍ଠିତ ହେଉଥିବା ଲୋକପରମ୍ପରା ସହିତ ଜଡିତ ଦଣ୍ଡନାଚରଧୂଳିଦଣ୍ଡ ସମୟରେ ପାରମ୍ପରିକ ଢଗଢମାଳି ଏବଂ ଲୋକସଙ୍ଗୀତର ବ୍ୟବହାର ଅନୁମୋଦିତ। କୌଣସି ଅଶାଳୀନ ଏବଂ ଦ୍ୱିଅର୍ଥ ବୋଧକ ଶବ୍ଦର ପ୍ରୟୋଗ କରାଯିବ ନାହିଁ । ରାତିରେ ଅନୁଷ୍ଠିତ ନାଚ ମଞ୍ଚରେ କେବେଳ ପାରମ୍ପରିକ କଳା, ନୃତ୍ୟ,ଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇପାରିବ। ଦଣ୍ଡନାଚର ମୁଖ୍ୟ ପରିଚାଳକ ଦଣ୍ଡନାଚ ପୂର୍ବରୁ ଆବଶ୍ୟକୀୟ ସର୍ତ୍ତ ପୂରଣ କରି ସ୍ଥାନୀୟ ଥାନା ଅଧିକାରୀଙ୍କ ଠାରୁ ଅନୁମତି ନେବା ବାଧ୍ୟତାମୂଳକ। ଏଥିରେ ବ୍ୟତିକ୍ରମ ଘଟିଲେ ଉଲଂଘନକାରୀ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି ।

## ଗ୍ରୀଷ୍ମ ମୁକାବିଲା ପାଇଁ ଟିପିଏସ୍‌ଓଡିଏଲ୍ ପ୍ରସ୍ତୁତ

ବ୍ରହ୍ମପୁର,୨୭।୩(ସୁବାସ ଚନ୍ଦ୍ର ପାଢ଼ୀ)

ଚଳିତ ଗ୍ରୀଷ୍ମ ଋତୁରେ ବର୍ଦ୍ଧିତ ବିଜୁଳି ଚାହିଦାକୁ ଧ୍ୟାନରେ ରଖି ଟିପିଏସଓଡିଏଲ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସରିଛି । କମ୍ପାନୀର ଚାହିଦା ୮୫୫ ମେଗାୱାଟରେ ପହଞ୍ଚିବା ଅନୁମାନ କରି ଆବଶ୍ୟକୀୟ ଟେକ୍ନୋଲୋଜି, ଭିତ୍ତିଭୂମି ଓ ଗ୍ରାହକ ସେବା ବ୍ୟବସ୍ଥାକୁ କମ୍ପାନୀ କାର୍ଯ୍ୟକ୍ଷମ କରାଇଛି। ବ୍ରହ୍ମପୁର ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର ବ୍ୟବସ୍ଥିତ ହୋଇଛି। ଜୟପୁର, ରାୟଗଡ଼ା ଓ ଫୁଲବାଣୀଠାରେ ଏରିଆ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟରଗୁଡ଼ିକ ରହିଛି। ଏହି ସିଷ୍ଟମ ସହଯୋଗରେ କମ୍ପାନୀ ଶୀଘ୍ର ବିଜୁଳିଜନିତ ତ୍ରୁଟି ଚିହ୍ନଟ କରିବାରେ ସମର୍ଥ ହୋଇପାରିଛି । ୩୩ କେଭି ନେଟୱର୍କ ପାଇଁ ଡ୍ରୋନଭିତ୍ତିକ ସର୍ଭେ ପ୍ରଣାଳୀକୁ ଗ୍ରହଣ କରିଛି । କଲସେଣ୍ଟର ମାଧ୍ୟମରେ ଅଧିକ ପରିମାଣର ଅଭିଯୋଗ ଦାଖଲ ନିମନ୍ତେ ଅତିରିକ୍ତ ମାନବ ସମ୍ବଳ ନିୟୋଜିତ କରାଯାଇଛି। ଟିପିଏସଓଡିଏଲ ସମଗ୍ର ଦକ୍ଷିଣ ଓଡ଼ିଶାରେ ୫୯୨୫ କର୍ମଚାରୀଙ୍କୁ ନିୟୋଜିତ କରିଛି। ଏନେଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ- ଗ୍ରୀଷ୍ମ ଋତୁରେ ବିଶ୍ୱସନୀୟ ଓ ଗୁଣାତ୍ମକ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା।

## ଦାଦୀ ଜାନକୀଙ୍କ ଅବ୍ୟକ୍ତ ସ୍ମୃତି ଦିବସ

କବିସୂର୍ଯ୍ୟନଗର,୨୭।୩(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ସ୍ଥିତ ବ୍ରହ୍ମାକୁମାରୀ ପ୍ରଭୁପ୍ରୀତ ଭବନରେ ବରିଷ୍ଠ ରାଜଯୋଗିନୀ ଦାଦୀ ଜାନକୀଙ୍କ ୬ଷ୍ଠ ଅବ୍ୟକ୍ତ ସ୍ମୃତି ଦିବସ ପାଳନ କରାଯାଇଛି। ବ୍ରହ୍ମାକୁମାରୀ ସୁଜ୍ଞାନୀଙ୍କ ପୌରୋହିତ୍ୟରେ ବ୍ରହ୍ମାକୁମାରୀ ସୂର୍ଯ୍ୟକାନ୍ତୀ ଏବଂ ଧରଣୀ ଏହି ସ୍ମୃତି ଦିବସର ନେତୃତ୍ୱ ନେଇଥିଲେ। ବ୍ରହ୍ମାକୁମାରୀ ସୂର୍ଯ୍ୟକାନ୍ତୀ ଦାଦି ଜାନକୀଙ୍କ ଜୀବନୀକୁ ସଂକ୍ଷେପରେ କହିଥିଲେ। ଦାଦୀ ଜାନକୀ ଜଣେ ଆଧ୍ୟାତ୍ମିକ ନେତ୍ରୀ ଥିଲେ। ସରଳ ଜୀବନ, ଶାନ୍ତ ମନ ଓ ସେବାଭାବ ପାଇଁ ସମଗ୍ର ବିଶ୍ୱରେ ପରିଚିତ ଥିଲେ ବୋଲି କୁହାଯାଇଥିଲା। ୧୦୪ ବର୍ଷ ବୟସରେ ୨୦୨୦ ଆଜିର ଦିନରେ ସେ ଅବ୍ୟକ୍ତ ହୋଇଥିଲେ।

## ଶିରିଡ଼ି ସାଇନାଥଙ୍କ ଜନ୍ମୋତ୍ସବ

ଆସିକା,୨୭।୩(ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନଏସି ଗାୟତ୍ରୀନଗରସ୍ଥିତ ଶିରିଡ଼ିସାଇ ମନ୍ଦିରରେ ଶୁକ୍ରବାର ସାଇନାଥଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଭୋରରୁ ମନ୍ଦିର ପରିସରରେ ବିଭିନ୍ନ ପୂଜାର୍ଚ୍ଚନା ସହ ମଧ୍ୟାହ୍ନରେ ସାମୁହିକ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା । ସନ୍ଧ୍ୟାରେ ସାଇନାଥଙ୍କ ବିଗ୍ରହକୁ ବାଦ୍ୟ ବାଜଣା ପଟୁଆର ସହ ନଗର ପରିକ୍ରମା କରାଯାଇଥିଲା ।

# ନେତାଜୀ ସାରସ୍ୱତ ମଞ୍ଚର ଗଳ୍ପ ଆସର


କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବ୍ରହ୍ମପୁର, ୨୭।୩(ସୁବାସ ଚନ୍ଦ୍ର ପାଢ଼ୀ)

ନେତାଜୀ ସାରସ୍ୱତ ମଞ୍ଚର ଦ୍ୱି-ମାସିକ କ୍ଷୁଦ୍ରଗଳ୍ପ ଆସର ଉତ୍କଳ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମଞ୍ଚର ସଭାପତି ଶରତ କୁମାର ଦାସ ଏଥିରେ ପୌରୋହିତ୍ୟ କରିଥିଲେ। କବି ପ୍ରମୋଦ କୁମାର ପଣ୍ଡା ଉଦଘାଟନ କରିଥିଲେ । ଗାଳ୍ପିକା ଭାଗ୍ୟଲକ୍ଷ୍ମୀ ମହାରଣାଙ୍କ ସଂଯୋଜନାରେ ସଂଚାଳିତ ଆସରରେ କବି ଓ କଥାକାର ଅଞ୍ଜଳି ଦାଶ ଆମନ୍ତ୍ରିତ ଅତିଥି ରହି ଓଡ଼ିଆ କ୍ଷୁଦ୍ରଗଳ୍ପର ଧରା ଓ ଧାରା ସମ୍ପର୍କରେ କହିଥିଲେ। ମଞ୍ଚର ସଂପାଦକ ନଳିନୀକାନ୍ତ ଗୌଡ଼ ସ୍ୱାଗତ ଭାଷଣ ଦେଇଥିଲେ। ଡ. ନିବେଦିତା ନନ୍ଦ, ଅନୁପ କୁମାର ମିଶ୍ର, ଡ. ସୁଜିତ କୁମାର ପଣ୍ଡା, ସ୍ୱର୍ଣ୍ଣମୟୀ ପାଢ଼ୀ, ଦିଲୀପ କୁମାର ମିଶ୍ର, ଜ୍ୟୋତ୍ସ୍ନା ପାଣି, ପ୍ରମୋଦ କୁମାର ଦାସ, ଶରତ କୁମାର ଦାସ, ସୁଶାନ୍ତ କୁମାର ସାହୁ, ଭାଗ୍ୟଲକ୍ଷ୍ମୀ ମହାରଣା, ଅଞ୍ଜଳି ଦାଶ, ମିହିର କୁମାର ରଥଶର୍ମା ପ୍ରମୁଖ ସ୍ୱରଚିତ ଗଳ୍ପ ପାଠ କରିଥିଲେ ।

# ଦିବ୍ୟଜୀବନ ସଂଘକୁ ବିଧାୟକ ଦେଲେ ୧୦ ଲକ୍ଷ


ବିଧାୟକ ଛାତ ନିର୍ମାଣ ପାଇଁ ଶୁଭ ଦେଉଛନ୍ତି।

ବ୍ରହ୍ମପୁର,୨୭।୩(ସୁବାସ ଚନ୍ଦ୍ର ପାଢ଼ୀ)

ୱାର୍ଡ ନଂ. ୩୫ସ୍ଥିତ ସିଦ୍ଧାର୍ଥ ନଗରରେ ଥିବା ଦିବ୍ୟ ଜୀବନ ସଂଘକୁ ଶୁକ୍ରବାର ବିଧାୟକ କେ.ଅନୀଲ କୁମାର ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟକ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଅନୁଦାନ ଦେଇଛନ୍ତି। ଉକ୍ତ ଅନୁଦାନରେ ସଂଘର ପାଚେରୀ ଏବଂ ଛାତ ନିର୍ମାଣ କାର୍ଯ୍ୟର ଶୁଭ ଦେଇଛନ୍ତି ବିଧାୟକ। କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ପ୍ରଦୀପ ନାୟକ, ଶିବ ପ୍ରସାଦ ଦାଶ, କମାପଲ୍ଲୀ ମଣ୍ଡଳ ସଭାପତି ସୁମନ୍ତ ସାହୁ, ଧର୍ମରାଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ

# ଭାଜପାରେ ସାମିଲ ହେଲେ ଶତାଧିକ ଯୁବକ

ବ୍ରହ୍ମପୁର,୨୭।୩(ଅଶୋକ କୁମାର ସାହୁ)

ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟଧାରାରେ ସଫଳତା ଓ ବିଧାୟକ କେ.ଅନୀଲ କୁମାରଙ୍କ ଲୋକାଦୃତ କାର୍ଯ୍ୟ ଏବଂ ଭରସା ଓ ବିଶ୍ୱାସ ରଖି ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ୱାର୍ଡ ନଂ. ୧୭ର ଶତାଧିକ ଯୁବକ ଭାଜପାରେ ସାମିଲ ହୋଇଛନ୍ତି। ଗାନ୍ଧୀ ନଗର ସ୍ଥିତ ବିଧାୟକଙ୍କ କାର୍ଯ୍ୟାଳୟ ଠାରେ ସମସ୍ତଙ୍କୁ ଭାଜପା ଉପଢ଼ୌକନ ଦେଇ ବିଧାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏଥିରେ ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରାୟ ୫୦ରୁ ଅଧିକ ଯୁବକ ତଥା ୧୭ ନମ୍ବର ୱାର୍ଡର କଂଗ୍ରେସର ପୂର୍ବତନ କର୍ପୋରେଟର ପ୍ରାର୍ଥୀ କେ.ରବି କୁମାରଙ୍କଙ୍କ ସହ ଅନେକ ଲୋକ ଭାଜପାରେ ଯୋଗଦେଇଥିଲେ। ଏହି ମିଶ୍ରଣ ପର୍ବରେ ସମାଜସେବୀ କେ ରବି, ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଳ, ପ୍ରଦୀପ ନାୟକ, ଶିବ ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଗଜପତି ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାମ ନବମୀ ଉତ୍ସବ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୨୭।୩(ସୁବାସ ଚନ୍ଦ୍ର ପାଢ଼ୀ)

ଶୁକ୍ରବାର ଗଜପତିନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରରାମ ନବମୀ ପାଳିତ ହୋଇଛି। ସ୍କୁଲ ଉପ ସଭାପତି ନରେଶ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରି ଶ୍ରୀରାମ ନବମୀର ଉତ୍କର୍ଷତା ପ୍ରତିପାଦନ କରିଥିଲେ । ମୁଖ୍ୟଅତିଥି ଭାବରେ ଦିବ୍ୟ ଜୀବନ ସଂଘ ଆଞ୍ଚଳୀର ପ୍ରଚାରକ ସୂର୍ଯ୍ୟ ନାରାୟଣ ଦାଶ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶ୍ରୀ ରାମଚନ୍ଦ୍ରଙ୍କ ଜୀବନୀ ଆଲୋଚନା କରିଥିଲେ। ପ୍ରଧାନାଚାର୍ଯ୍ୟ ଶରତ ଚନ୍ଦ୍ର ମୁନୀ ଶ୍ରୀରାମ ନବମୀ ପାଳନର ଉଦ୍ଦେଶ୍ୟ କହିଥିଲେ । ସ୍କୁଲ ସଂପାଦକ ପ୍ରତାପ ଚନ୍ଦ୍ର ନାୟକ ,କୋଷାଧ୍ୟକ୍ଷ କବିରାଜ ସାହୁ ଓ ସମ୍ମାନନୀୟ ଅତିଥି ଗିରିଜା ରାଣୀ ପଟ୍ଟନାୟକ, ଆଚାର୍ଯ୍ୟ ଗୋକୁଳ ଚନ୍ଦ୍ର ପ୍ରହରାଜ ଉପସ୍ଥିତ ଥିଲେ। ଆଚାର୍ଯ୍ୟା ଇନ୍ଦିରା ମିଶ୍ର ଧନ୍ୟବାଦ ଦେଇଥିଲେ।

# ରାମହରି ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାମ ନବମୀ


କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନଗୁରୁଜୀଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୨୭।୩(ସୁବାସ ଚନ୍ଦ୍ର ପାଢ଼ୀ) ରାମହରି ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାମ ନବମୀ ଉତ୍ସବ ଅନୁଷ୍ଠିତ ହୋଇଛି। ସଭାପତି ଡ଼. ସୁରେନ୍ଦ୍ର ନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଇଂ ମମତା ପାଣିଗ୍ରାହୀ ରାମ କଥା ସମ୍ପର୍କରେ କହିଥିଲେ। ଚିନ୍ମୟାନନ୍ଦ ମିଶନର ସ୍ୱାମୀ ସଦାନନ୍ଦ ମହାରାଜ ରାମରାଜ୍ୟ ପ୍ରତିଷ୍ଠାରେ ସମସ୍ତଙ୍କର ଯୋଗଦାନ ରହୁ ବୋଲି କାମନା କରିଥିଲେ। ପ୍ରଧାନାଚାର୍ଯ୍ୟ ପ୍ରସାଦ କୁମାର ଦାଶ ରାମ ଗୁଣାବଳୀ କୀର୍ତ୍ତନ କରି ଶ୍ରୀରାମଙ୍କ ମହନୀୟ ବ୍ୟକ୍ତିତ୍ୱ ସମ୍ପର୍କରେ କହିଥିଲେ। ଆଚାର୍ଯ୍ୟ ଅଶୋକ କୁମାର ମହାପାତ୍ର ଅତିଥି ପରିଚୟ ଦେଇଥିଲେ। ଆଚାର୍ଯ୍ୟା ସସ୍ମିତା ରାଣୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

